# NATIONAL NEWS BULLETIN (ODIA)

**15 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା କରିବେ ନିର୍ବାଚନ ଆୟୋଗ ।

- ଗୁଆହାଟୀଠାରେ ୨ହଜାର ୯୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ଏକକାଳୀନ ପିଏନ୍‌ଜି ଏବଂ ଏଲ୍‌ପିଜି ସଂଯୋଗ ଉପରେ କଟକଣା ଜାରି ।

- ଖାର୍ଗ ଦ୍ୱିପ ଏବଂ ଆବୁମୁଷା ଉପରେ କ୍ଷେପଣାସ୍ତ୍ର ଆକ୍ରମଣରେ ୟୁଏଇର ଅଞ୍ଚଳ ବ୍ୟବହାର ସଂକ୍ରାନ୍ତ ଇରାନ୍‌ର ଅଭିଯୋଗ ପରେ ଉପସାଗରୀୟ ଅଞ୍ଚଳରେ ବୃଦ୍ଧି ପାଇଛି ଉତ୍ତେଜନା ।

ଏବଂ

- ବେଲ୍‌ଜିୟମର ବ୍ରସେଲ୍ସକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଯାଉଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ।

## ଇସିଆଇ ଆସେମ୍ବ୍ଲି

ନିର୍ବାଚନ ଆୟୋଗ ଆଜି ଅପରାହ୍ଣରେ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଆଗାମୀ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନୀ ସୂଚୀ ଘୋଷଣା କରିବେ । ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ଏହି ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ଆସନ୍ତା ମେ' ମାସ ୭ ତାରିଖରେ ଶେଷ ହେଉଥିବାବେଳେ ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭାର କାର୍ଯ୍ୟକାଳ ମେ' ୨୦ ତାରିଖରେ, ୧୪୦ ସଦସ୍ୟ ବିଶିଷ୍ଟ କେରଳ ବିଧାନସଭାର କାର୍ଯ୍ୟକାଳ ମେ' ୨୩ ତାରିଖରେ, ୨୩୪ ସଦସ୍ୟବିଶିଷ୍ଟ ତାମିଲନାଡୁ ବିଧାନସଭାର କାର୍ଯ୍ୟକାଳ ମେ' ୧୦ ତାରିଖରେ, ଏଥିସହିତ ୩୦ ସଦସ୍ୟ ବିଶିଷ୍ଟ ପୁଡୁଚେରୀ ବିଧାନସଭାର କାର୍ଯ୍ୟକାଳ ୧୫ ଜୁନ୍‌ରେ ଶେଷ ହେଉଛି ।

## ଶାହା-ଆସାମ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରୋଟନ ଥେରାପି ମେସିନକୁ ପ୍ରଚଳନ କରିବାରେ ଆସାମ ଭାରତର ପ୍ରଥମ ରାଜ୍ୟ ହୋଇଛି । ଗୁଆହାଟୀ ଠାରେ ଆଜି ୨ହଜାର ୯୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର

ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ଅବସରରେ ଶ୍ରୀ ଶାହା ଏହା କହିଛନ୍ତି । ସେ କହିଛନ୍ତି ବିଜେପି ନେତୃତ୍ୱାଧୀନ ସରକାରଙ୍କ ସମୟରେ ଗତ ୧୦ବର୍ଷ ମଧ୍ୟରେ ଆସାମ ଦେଶର ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର ପାଇଁ ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ପରିଣତ ହୋଇଛି ।

**V/O (Amit Saha)**

ଏହି ଅବସରରେ ଶ୍ରୀ ଶାହା ଆଭାସୀ ମାଧ୍ୟମରେ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

# ପିଏନ୍‌ଜି-ଏଲ୍‌ପିଜି ସରେଣ୍ଡର

ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ଏକକାଳୀନ ପାଇପ୍‌ଯୋଗେ ପ୍ରାକୃତିକ ଗ୍ୟାସ୍‌, ପିଏନ୍‌ଜି ଏବଂ ତରଳ ପେଟ୍ରୋଲିୟମ ଗ୍ୟାସ୍‌, ଏଲ୍‌ପିଜି ସଂଯୋଗ ଉପରେ କଟକଣା ଜାରି କରାଯାଇଛି । ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏ କ୍ଷେତ୍ରରେ ଏଲ୍‌ପିଜି ସଂଯୋଗ ତୁରନ୍ତ ହସ୍ତାନ୍ତର କରିବାକୁ ଉପଭୋକ୍ତାଙ୍କୁ ନିର୍ଦ୍ଦେଶ ଦେଇଛି । ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରାଯାଇଛି । ପିଏନ୍‌ଜି ସଂଯୋଗ ଥିବା ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ଏଲ୍‌ପିଜି ସଂଯୋଗକୁ କାର୍ଯ୍ୟକାରୀ ରଖିବା କିମ୍ବା ସରକାରୀ ତୈଳ କମ୍ପାନୀ ଓ ସେମାନଙ୍କର ଅଧିକୃତ ବିତରକଙ୍କଠାରୁ ଏଲ୍‌ପିଜି ସିଲିଣ୍ଡର ରିଫିଲ କରିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ଏପରିକି ପୂର୍ବରୁ ପିଏନ୍‌ଜି ସଂଯୋଗ ଥିବା ଘରୋଇ ଉପଭୋକ୍ତାଙ୍କୁ ଭବିଷ୍ୟତରେ ନୂତନ ଏଲ୍‌ପିଜି ସଂଯୋଗ ପ୍ରଦାନ କରାଯିବ ନାହିଁ ବୋଲି ମନ୍ତ୍ରଣାଳୟ କହିଛି ।

ରନ୍ଧନ ଗ୍ୟାସ୍ ଯୋଗାଣ କ୍ଷେତ୍ରରେ ନକଲ ପଦକ୍ଷେପକୁ ପ୍ରତିହତ କରିବା ଏବଂ ପିଏନ୍‌ଜି ନେଟଓ୍ୱାର୍କ ସୁବିଧା ନଥିବା ଉପଭୋକ୍ତାଙ୍କ ପାଇଁ ଏଲ୍‌ପିଜି ଯୋଗାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡିଛି ।

ଅନ୍ୟପକ୍ଷରେ ଜାହାଜ ଚଳାଚଳ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି ଭାରତର କୂଟନୈତିକ ପ୍ରୟାସ ପରେ ହରମୁଜ୍ ପ୍ରଣାଳୀ ଦେଇ ୨ଟି ଭାରତୀୟ ଏଲ୍‌ପିଜି ପରିବହନକାରୀ ଜାହାଜ ସୁରକ୍ଷିତ ଭାବେ ଯାତ୍ରା କରିଛି । ଏହି ୨ଟି ଭାରତୀୟ ଜାହାଜ ଶିବାଲିକ୍ ଓ ନନ୍ଦାଦେବୀ ଗୁଜୁରାଟର ମୁନ୍ଦ୍ରା ଏବଂ କାନ୍ଦଲା ବନ୍ଦର ଅଭିମୁଖେ ଯାତ୍ରା କରୁଛନ୍ତି । ଏଥିରେ ୯୨ହଜାର ୭୦୦ ଟନ୍ ଏଲ୍‌ପିଜି ଭାରତକୁ ଆସୁଛି । ଆସନ୍ତାକାଲି କିମ୍ୱା ୧୭ ତାରିଖରେ ଏହି ଜାହାଜ ୨ଟି ଭାରତୀୟ ବନ୍ଦରରେ ପହଞ୍ଚିବେ ବୋଲି ଶ୍ରୀ ସିହ୍ନା ସୂଚନା ଦେଇଛି । ହର୍‌ମୁଜ ପ୍ରଣାଳୀ ଦେଇ ପଶ୍ଚିମପାର୍ଶ୍ୱରେ ଅଟକି ରହିଥିବା ୨୨ଟି ଭାରତୀୟ ପତାକାବାହୀ ଜାହାଜକୁ ସୁରକ୍ଷିତ ଭାବେ ଆଣିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି ।

## ଓ୍ୱେଷ୍ଟ ଏସିଆ କନ୍‌ଫ୍ଲିକ୍ଟ

ଇରାନ୍ ଅଞ୍ଚଳ ଗୁଡ଼ିକରେ କ୍ଷେପଣାସ୍ତ୍ର ଆକ୍ରମଣ ନେଇ ସଂଯୁକ୍ତ ଆରବ ଏମିରେଟ୍‌ସ ନିଜ ଅଞ୍ଚଳକୁ ଶତ୍ରୁପକ୍ଷକୁ ବ୍ୟବହାର କରିବାକୁ

ଅନୁମତି ପ୍ରଦାନ କରୁଛି ବୋଲି ଇରାନ୍ ଅଭିଯୋଗ ପରିପ୍ରେକ୍ଷୀରେ ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି । ଇରାନ୍‌ର ବୈଦେଶିକ ମନ୍ତ୍ରୀ ସୟଦ ଆବାସ ଅର୍ଘାଚି ଅଭିଯୋଗ କରି କହିଛନ୍ତି ଇରାନ୍‌ର ଖାର୍ଗ ଦ୍ୱିପ ଏବଂ ଆବୁ ମୁଷାରେ ଆକ୍ରମଣ ପାଇଁ ସଂଯୁକ୍ତ ଆରବ ଏମିରେଟ୍‌ସର ରାସ୍ ଅଲ୍ ଖାଇମା ଏବଂ ଦୁବାଇ ନିକଟରେ ଅବସ୍ଥିତ ଖିମାରସ୍ ଅଞ୍ଚଳକୁ ବ୍ୟବହାର କରାଯାଇଥିଲା । ଇରାନ୍‌ର ଖାତାମ ଅଲ୍-ଅନବିୟା କେନ୍ଦ୍ରୀୟ ମୁଖ୍ୟାଳୟ ଜେବେଲ ଅଲ୍ଲୀ, ଖଲିଫା ବନ୍ଦର ଏବଂ ଫୁଜାଇରା ବନ୍ଦର ସମେତ ପ୍ରମୁଖ ବନ୍ଦର ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଖାଲି କରିବାକୁ ସଂଯୁକ୍ତ ଆରବ ଏମିରେଟ୍‌ସର ବାସିନ୍ଦାକୁ ସତର୍କ କରାଇଛି । ଆମେରିକୀୟ ସାମରିକ କାର୍ଯ୍ୟକଳାପ ସହ ଜଡିତ ଏହି ଅଞ୍ଚଳ ଗୁଡ଼ିକରେ ପ୍ରତିଶୋଧମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଇରାନ୍ ଚେତାବନୀ ଦେଇଛି ।

ଅନ୍ୟପକ୍ଷରେ ଆଜି ସକାଳେ ୩ଟି ପ୍ରମୁଖ ବନ୍ଦର ଉପରେ ଇରାନ୍ ମିଶାଇଲ୍ ଆକ୍ରମଣ କରିଥିବା ନେଇ ସଂଯୁକ୍ତ ଆରବ ଏମିରେଟ୍‌ସ କହିଛି । ହରମୁଜ୍ ପ୍ରଣାଳୀକୁ ସୁରକ୍ଷିତ ଭାବେ ବ୍ୟବହାର କରିବା ନେଇ ସହଯୋଗୀ ଦେଶଗୁଡ଼ିକ ପକ୍ଷରୁ ଯୁଦ୍ଧଜାହାଜ ମୁତୟନ କରାଯିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଶାବ୍ୟକ୍ତ କରିଛନ୍ତି । ଇସ୍ରାଏଲ ଆକ୍ରମଣରେ ଲେବାନନ୍‌ରେ ଏପର୍ଯ୍ୟନ୍ତ ୮୦୦ ଲୋକଙ୍କର ମୃତ୍ୟୁ ହୋଇଛି । ୮ଲକ୍ଷ ୫୦ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଥିବା ଜଣାପଡିଛି ।

ପଶ୍ଚିମ ଏସିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ ଆଜି ୧୪ଟି ଉଡାଣକୁ ବାତିଲ କରାଯାଇଛି । ବିମାନସେବା ପ୍ରଦାନକାରୀ ସଂସ୍ଥା କହିଛି ବାତିଲ କିମ୍ବା ଅସ୍ଥାୟୀ ଭାବେ ସ୍ଥଗିତ ରହିଥିବା ଯାତ୍ରା କ୍ଷେତ୍ରରେ ଯାତ୍ରୀଙ୍କୁ କୌଣସି ଅତିରିକ୍ତ ଦେୟ କିମ୍ବା ଭବିଷ୍ୟତରେ ପୁନଃ ଟିକଟ ବୁକ୍ କରିବା ପାଇଁ ଅତିରିକ୍ତ ଦେୟ ଦେବାକୁ ପଡିବ ନାହିଁ । ଏପରିକି ସଂପୂର୍ଣ୍ଣ ଭାବେ ଅର୍ଥ ଫେରସ୍ତର ବିକଳ୍ପ ମଧ୍ୟ ଯାତ୍ରୀଙ୍କ ପାଖରେ ଉପଲବ୍ଧ ରହିଛି । ଅନ୍ୟପକ୍ଷରେ ଇଣ୍ଡିଗୋ ବିମାନସେବା ପ୍ରଦାନକାରୀ ସଂସ୍ଥା କହିଛି ଦୁବାଇରେ ବିମାନ ଉଡାଣ ଉପରେ ପ୍ରତିବନ୍ଧ ଲଗାଯାଇଥିବାରୁ ସମୟସୂଚୀରେ କେତେକ ପରିବର୍ତ୍ତନ କରାଯାଇଛି । ଦୁବାଇକୁ କିମ୍ବା ଦୁବାଇରୁ ଯାତ୍ରା କରୁଥିବା ଯାତ୍ରୀଙ୍କୁ ବିମାନ ବନ୍ଦରକୁ ଯିବା ପୂର୍ବରୁ ଉଡାଣ ସ୍ଥିତି ନେଇ ଯାଞ୍ଚ କରିବାକୁ ଇଣ୍ଡିଗୋ ପକ୍ଷରୁ ଅନୁରୋଧ କରାଯାଇଛି ।

## ସିବିଏସ୍ଇ-ଏକ୍ସାମ କ୍ୟାନସିଲ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସିବିଏସ୍ଇ ପଶ୍ଚିମ ଏସିଆ ଅଞ୍ଚଳରେ ଆସନ୍ତାକାଲିଠାରୁ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଦ୍ୱାଦଶଶ୍ରେଣୀ ପରୀକ୍ଷାକୁ ବାତିଲ କରିଛି । ବୋର୍ଡ କହିଛି ଚଳିତମାସର ୧ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପରୀକ୍ଷା ଯାହାକୁ ପୂର୍ବରୁ

ସ୍ଥଗିତ ରଖାଯାଇଥିଲା ସେହି ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି । ପଶ୍ଚିମ ଏସିଆ ଅଞ୍ଚଳରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷାଫଳ ପ୍ରକାଶ ପାଇବା ପ୍ରକ୍ରିୟା ପରେ ଉଚିତ୍ ସମୟରେ ପରୀକ୍ଷା ନେଇ ଅଲଗା ସୂଚନା ପ୍ରଦାନ କରାଯିବ ।

## ନେପାଳ ରୋଡ ଆକ୍ସିଡେଣ୍ଟ

ନେପାଳର ଗୋର୍ଖା ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୭ଜଣ ଭାରତୀୟ ତୀର୍ଥଯାତ୍ରୀଙ୍କର ମୃତ୍ୟୁ ହୋଇଛି । ଗତ ସଂଧ୍ୟାରେ ଏକ ମାଇକ୍ରୋ ବସ୍ ୧୪ଜଣ ଭାରତୀୟ ତୀର୍ଥଯାତ୍ରୀଙ୍କ ସମେତ ୧୬ଜଣଙ୍କୁ ନେଇ ଏକ ମନ୍ଦିରରୁ ଫେରୁଥିବାବେଳେ କଣ୍ଟାରଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥବା ସ୍ଥାନୀୟ ପୁଲିସ କହିଛି । ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ୭ଜଣ ଜାକ ତୀର୍ଥଯାତ୍ରୀଙ୍କ ମଧ୍ୟରେ ୨ଜଣ ମହିଳା ଏବଂ ୫ ଜଣ ପୁରୁଷ ଅନ୍ତର୍ଭୁକ୍ତ । ଆହତଙ୍କୁ ଅମ୍ବୁଖାଇରେନି ସ୍ଥିତ ହସ୍ପିଟାଲ ଏବଂ ଚିତଓ୍ୱାଙ୍ଗସ୍ଥିତ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଏବେ ଦୁର୍ଘଟଣାର କାରଣ ନେଇ ତଦନ୍ତ ଜାରି ରହିଥିବା ପୁଲିସ କହିଛି ।

# ଜୟଶଙ୍କର-ବେଲଜିୟମ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବେଲଜିୟମର ବ୍ରସେଲ୍ସକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଯାଉଛନ୍ତି । ୟୁରୋପୀୟ ସଂଘର ଶୀର୍ଷ ପ୍ରତିନିଧି ଏବଂ ଉପରାଷ୍ଟ୍ରପତି କାଜାକାଲାସଙ୍କ ନିମନ୍ତ୍ରଣକ୍ରମେ ଡକ୍ଟର ଜୟଶଙ୍କର ଏହି ଗସ୍ତରେ ଯାଉଛନ୍ତି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ବୈଦେଶିକ ବ୍ୟାପାର ପରିଷଦ ବୈଠକରେ ୨୭ଟି ୟୁରୋପୀୟ ସଂଘ ସଦସ୍ୟ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ୟୁରୋପୀୟ ସଂଘ ସହିତ ଭାରତର ରଣନୈତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବାରେ ଡକ୍ଟର ଜୟଶଙ୍କରଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

# ଜିସିଡବ୍ଲ୍ୟୁଏଏସ୍-କନ୍‌ଫରେନ୍ସ

ନୂଆଦିଲ୍ଲୀରେ ଆୟୋଜିତ 'କୃଷି ଖାଦ୍ୟ ବ୍ୟବସ୍ଥାରେ ମହିଳା' ଶୀର୍ଷକ ୩ଦିନିଆ ବିଶ୍ୱ ସମ୍ମିଳନୀ ଗତକାଲି ଉଦ୍‌ଯାପିତ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ସମ୍ମିଳନୀ କୃଷି ଖାଦ୍ୟ ମୂଲ୍ୟ ଶୃଙ୍ଖଳରେ ନିରନ୍ତର ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ମହିଳାଙ୍କୁ ସଶକ୍ତ କରିବା ନେଇ ଏକ ମଞ୍ଚ ପ୍ରଦାନ କରିଛି । ସମ୍ମିଳନୀରେ

୧୮ଟି ଦେଶର ନୀତି ନିର୍ଦ୍ଧାରକ, କୃଷି ବୈଜ୍ଞାନିକ, ଉଦ୍ୟୋଗି ଏବଂ ମହିଳା ନେତୃବୃନ୍ଦ ଏକତ୍ରିତ ହୋଇ କୃଷି କ୍ଷେତ୍ରର ବିକାଶ ଉପରେ ମତ ବିନିମୟ କରିଛନ୍ତି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଅବସରରେ ମହିଳା ଚାଷୀ ତଥା କୃଷି କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ମିଳନୀର ଗତକାଲିର ଉଦ୍‌ଯାପନୀ ସମାବେଶକୁ ସମ୍ବୋଧନ କରି କୃଷି ଗବେଷଣା ଓ ଶିକ୍ଷାବିଭାଗ ସଚିବ ଡକ୍ଟର ଏମ୍.ଏଲ୍. ଜାଟ୍ କହିଥିଲେ ଭାରତୀୟ କୃଷି ଗବେଷଣା ପରିଷଦ ଆଇସିଏଆର୍ କୃଷି ବିଶ୍ୱବିଦ୍ୟାଳୟ ଓ କୃଷିବିଜ୍ଞାନ କେନ୍ଦ୍ର ସହିତ ୯୦୦ରୁ ଅଧିକ ପ୍ରତିଷ୍ଠାନକୁ ସଂଯୋଗ କରିବା ଲକ୍ଷ୍ୟରେ ଏକ ଜାତୀୟ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରୁଛି । କୃଷି କ୍ଷେତ୍ରରେ ମହିଳାଙ୍କ ନେତୃତ୍ୱାଧୀନ ଗବେଷଣା, ସେମାନଙ୍କର ନବସୃଜନ ତଥା ଦକ୍ଷତା ନିର୍ମାଣକୁ ଏହି ପ୍ଲାଟଫର୍ମ ଅଧିକ ସହଯୋଗ ପ୍ରଦାନ କରିବ ବୋଲି ଡକ୍ଟର ଜାଟ୍ କହିଛନ୍ତି ।